# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 16 May – 2024

---

## ରାଜ୍ୟରେ ମତଦାନ ହାର

ରାଜ୍ୟରେ ଅନୁଷ୍ଠିତ ଚଳିତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନରେ ଭୋଟ୍ ହାର ୨ ପ୍ରତିଶତ ବୃଦ୍ଧି ପାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ଧଳ କହିଛନ୍ତି ଚଳିତମାସ ୧୩ ତାରିଖରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପ୍ରାୟ ୭୫ ଦଶମିକ ୬/୮ ପ୍ରତିଶତ ମତଦାନ ହୋଇଥିଲା । ଚଳିତ ନିର୍ବାଚନରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ୨୩ଲକ୍ଷ ୩୨ହଜାର ପୁରୁଷ ଭୋଟ୍ ଦେଇଥିବାବେଳେ ୨୪ଲକ୍ଷ ୨୬ହଜାର ମହିଳା ମତଦାନ କରିଥିଲେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଛନ୍ତି । ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ସର୍ବାଧିକ ମତଦାନ ୮୨ ଦଶମିକ ୧/୬ ପ୍ରତିଶତ ହୋଇଥିବାବେଳେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ୬୫ଦଶମିକ ୪/୧ ପ୍ରତିଶତ ମତଦାନ ଥିଲା ।

## ୱେବ୍‌ସାଇଟ୍‌-ହାଇକୋର୍ଟ

ରାଜ୍ୟର କେଉଁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ କ'ଣ ସବୁ ମୌଳିକ ସୁବିଧା ରହିଛି ୱେବ୍‌ସାଇଟ୍‌ରେ ସମସ୍ତ ପ୍ରକାର ସୂଚନା  ସରକାର ଉପଲବ୍ଧ କରାଇବେ ବୋଲି ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟ ଗୁଡ଼ିକରେ ପାନୀୟଜଳ, ପାଇଖାନା, ଖେଳପଡିଆ, ବିଦ୍ୟୁତ୍‌ ସଂଯୋଗ ସହିତ ଅନ୍ୟାନ୍ୟ ସୁବିଧା କ'ଣ ରହିଛି ସେଗୁଡ଼ିକ ୱେବ୍‌ସାଇଟ୍‌ରେ ଜଣାଇବା ପାଇଁ ହାଇକୋର୍ଟ କହିଛନ୍ତି । ହାଇକୋର୍ଟ ଲିଗାଲ କମିଟି ପକ୍ଷରୁ ଆଗତ ଏହି ସମ୍ପର୍କିତ ଏକ ମାମଲାର ଶୁଣାଣି କରି ମୁଖ୍ୟବିଚାରପତି ଜଷ୍ଟିସ୍‌ ଚକ୍ରଧାରୀ ଚରଣ ସିଂହ ଏବଂ ବିଚାରପତି ଜଷ୍ଟିସ୍‌ ଏମ୍‌.ଏସ୍‌. ରମଣଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ନିର୍ବାଚନୀ ପ୍ରଚାର

ରାଜ୍ୟର ୪ଟି ଲୋକସଭା ଆସନ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଏବଂ କଳାହାଣ୍ଡିକୁ ଛାଡିଦେଲେ ଅନ୍ୟ ସମସ୍ତ ସ୍ଥାନ ଗୁଡ଼ିକରେ ନିର୍ବାଚନୀ ପ୍ରଚାର ସରଗରମ ହୋଇଉଠିଛି । ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଲାଗି ଓଡ଼ିଶା ଆସି ଦଳୀୟ ପ୍ରଚାର କାର୍ଯ୍ୟରେ ଯୋଗ ଦେଉଛନ୍ତି । ଏହି କ୍ରମରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରସାଦ ନଡ୍ଡା ଆଜି ପୂର୍ବାହ୍ନରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରଠାରେ ଏକ ରୋଡ ଶୋ'ରେ ଯୋଗଦେଇ ଦଳର ପ୍ରାର୍ଥୀଙ୍କ ପାଇଁ

ପ୍ରଚାର କରିବେ । ସେହିପରି ସଂଧ୍ୟାରେ ବିଜେଡି ଅଧ୍ୟକ୍ଷ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀର ଗଙ୍ଗନଗରଠାରେ ମଧ୍ୟ ଏକ ରୋଡ ଶୋ'ରେ ଭାଗନେବେ ।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ ଆଜି କନ୍ଧମାଳ ଜିଲ୍ଲା ଏବଂ ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଏହିକ୍ରମରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ, ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଭୂପେନ୍ଦ୍ର ଯାଦବ, ବରିଷ୍ଠ ନେତ୍ରୀ ହେମାମାଳିନୀଙ୍କ ସହିତ ବିଜେପିର ପୁରୁଖା ନେତାମାନେ ଦଳର ପ୍ରାର୍ଥୀମାନଙ୍କ ପାଇଁ ଆଜି ଓ ଆସନ୍ତାକାଲି ନିର୍ବାଚନ ପ୍ରଚାର କରିବେ ।

## ସ୍ୱତନ୍ତ୍ର ଟ୍ରେନ୍

ସାଧାରଣ ନିର୍ବାଚନରେ ଭୋଟରମାନେ ସୁବିଧାରେ ନିଜ କର୍ମସ୍ଥଳୀରୁ ଘରକୁ ଯାଇ ଭୋଟ୍ ଦେଇପାରିବେ ସେଥିପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ରେଳବାଇର ସୂଚନା ଅନୁସାରେ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକ ପୁରୀ, ଖୋର୍ଦ୍ଧାରୋଡ, କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ଶ୍ରୀକାକୁଲମ ମଧ୍ୟରେ ଭୋଟରଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାକୁ ସାହାଯ୍ୟ କରିବ ବୋଲି ପୂର୍ବତଟ

ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ଏଥିପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ୫୧ ଯୋଡା ଟ୍ରେନ୍‌ର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି ।

# +୨ ପରୀକ୍ଷା ଫଳ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସିଏଚ୍‌ଏସ୍‌ଇ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ଚଳିତମାସ ଶେଷ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ । ପରିଷଦ ପକ୍ଷରୁ ଚାଲିଥିବା ଟାବୁଲେସନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଖୁବ୍‌ଶୀଘ୍ର ଏହି ପ୍ରକ୍ରିୟା ସରିଲା ପରେ ଫଳ ପ୍ରକାଶ ପାଇବ । ଚଳିତଥର ବହୁବର୍ଷ ବ୍ୟବଧାନ ପରେ ଏକାଥରେ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମର ଫଳ ପ୍ରକାଶ ପାଇବ ।

## ବିମାନସେବା

ଦିଲ୍ଲୀ-ଝାରସୁଗୁଡା ମଧ୍ୟରେ ଗତକାଲିଠାରୁ ପ୍ରଥମଥର ପାଇଁ ଇଣ୍ଡିଗୋ ବିମାନସେବା ଆରମ୍ଭ ହୋଇଛି । ସପ୍ତାହର ସମସ୍ତ ଦିନ ଇଣ୍ଡିଗୋ ବିମାନସେବା ଉପଲବ୍ଧ ହେବ ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ନିକୋବର ଦ୍ୱୀପ ଏବଂ ଦକ୍ଷିଣପୂର୍ବ ବଙ୍ଗୋପ ସାଗରରେ ଚଳିତ ସପ୍ତାହ ଶେଷଆଡକୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ

କରାଯାଇଛି । ସାଧାରଣଭାବେ ମଇ ମାସ ୨୨ ତାରିଖରେ ମୌସୁମୀ ଆଣ୍ଡାମାନ ଦ୍ୱୀପ ଛୁଇଁଥାଏ । ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ଦୁଇଦିନ ପୂର୍ବରୁ ମୌସୁମୀ ଆଣ୍ଡାମାନ ଦ୍ୱୀପ ଛୁଇଁବ ବୋଲି ଆକଳନ କରାଯାଇଛି । ମୌସୁମୀବାୟୁ ଆସନ୍ତା ଜୁନ୍ ମାସ ୧ ତାରିଖରେ କେରଳ ଏବଂ ୧୦ ତାରିଖରେ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଅନ୍ୟପକ୍ଷରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଉଥିବାରୁ ଆସନ୍ତା କାଲିଠାରୁ ୨୩ ତାରିଖ ମଧ୍ୟରେ ଗଭୀର ଅବପାତର ରୂପ ନେବ ବୋଲି ପାଣିପାଗ ବିଜ୍ଞାନୀମାନେ ଅନୁମାନ କରିଛନ୍ତି । କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମପ୍ରବାହର ପ୍ରକୋପ ସାମାନ୍ୟ କମିଥିଲେ ମଧ୍ୟ ଆସନ୍ତାକାଲିଠାରୁ ଦିନ ତାପମାତ୍ରା ୩ ଡିଗ୍ରୀରୁ ଅଧିକ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ କହିଛି ।

# ଟେନିସ୍

ଗଞ୍ଜାମ ଜିଲ୍ଲା ଟେନିସ୍ ଆସୋସିଏସନ ପକ୍ଷରୁ ୧୫ଦିନିଆ ଗ୍ରୀଷ୍ମକାଳୀନ ଟେନିସ୍ ପ୍ରଶିକ୍ଷଣ ଶିବିର ବ୍ରହ୍ମପୁର ୟୁନିୟନ କ୍ଲବ ପରିସରରେ ଗତକାଲି ଆରମ୍ଭ ହୋଇଛି । ଏହି ଶିବିରରେ ୮ବର୍ଷରୁ ୧୬ବର୍ଷ ୨୫ଜଣ ବାଳକବାଳିକା ଭାଗ ନେଇଛନ୍ତି । ଏଥିରେ ବରିଷ୍ଠ ଟେନିସ୍ ଖେଳାଳି, ପ୍ରଶିକ୍ଷକ, ଜିଲ୍ଲା ଟେନିସ୍ ମହାସଂଘର କର୍ମକର୍ତ୍ତା ଯୋଗ ଦେଇଛନ୍ତି ।